# Akashvani, Sambalpur

## SAMBALPURI NEWS EVENING BULLETIN

**7 April 2025- 7.02 pm- 7.12 pm.**

**************************************************

୧- ସୁସ୍ଥ ଜୀବନ୍ ଲାଗି ଯୋଗ ଗୁଟେ ଉପଯୋଗୀ ସାଧନ୍ ଆଏ- କହେଲେ କେନ୍ଦ୍ର ଆୟୁଷ୍ ରାଷ୍ଟ୍ରମନ୍ତ୍ରୀ ପ୍ରତାପ୍ ରାଓ ଯାଦବ ।

୨- ରନ୍ଧା ଗେସ୍‌ର ଦାମ୍ ସିଲିଣ୍ଡର୍ ପିଛା ୫୦ ଟଙ୍କା ବଢ଼୍‌ଲା ।

- ଆଏବା କାଏଲ୍‌ଠାନୁ ଲାଗୁ ହେବା ନୂଆଁ ଦାମ୍ ।

୩- ଆଏବା ୨୦୨୭ ମସିହା ମାର୍ଚ୍ଚ ମାସ୍‌ତକ୍ ପୌରାଂଚଲ୍‌ର ଫି' ଘର୍‌କେ ୨୪ ଘଂଟିଆ ପିଇବାର୍ ପାଏନ୍ ଯୁଗେଇ ଦିଆଯିବା ।

ଆଉର୍

୪- ଭୁବ୍‌ନେଶ୍ୱର୍ ଠାନେ ମୁଲ୍ ହେଲା ୭୩ ନମ୍ବର୍ ପୁଲିସ୍ ହକି ପ୍ରତିଯୋଗିତା ।

ଯୋଗ ମହୋତ୍ସବ୍          ଆର୍‌ଏନ୍‌ୟୁ/ କଟକ୍

ଯୋଗ ଗଲା ୧୦ ବଛର୍ ଭିତ୍‌ରେ କେତ୍‌ନିକେତେ ଲୋକପ୍ରିୟ ହେଇପାରିଛେ । ଏଛେନ୍ ଯୋଗ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ୍ ହେଇଛେ ବଲି କେନ୍ଦ୍ର ଆୟୁଷ୍ ରାଷ୍ଟ୍ରମନ୍ତ୍ରୀ ପ୍ରତାପ୍ ରାଓ ଯାଦବ୍ କହିଛନ୍ ।

ଜୁନ୍ ୨୧ ତାରିଖ୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଲନ୍ ଆଘୋନୁ ଶହେ ଦିନିଆ ଅବଗଣନା କରାଯାଇକରି ୪ ଟା ଜାଗା ନ ବଡ଼ଧରଣ୍‌ର ଯୋଗ ସଚେତନତା କାର୍ଯ୍ୟକ୍ରମ୍ କରାଯାଉଛେ । ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା ଆଝିର୍ କାର୍ଯ୍ୟକ୍ରମ୍ ୨ ନମ୍ବର୍ ଯୋଗ ସଚେତନ୍ ମହୋତ୍ସବ୍ ଆଏ । ଯୋଗ ଶିବିରକେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ଯାଦବ୍ କହିଛନ୍, ସୁସ୍ଥ ଜୀବନ୍ ବଂଚ୍‌ବାର୍ ଲାଗି ଯୋଗ ଗୁଟେ ଉପଯୋଗୀ ସାଧନ୍ ଆଏ । ଆଏବା ପିଢ଼ି ଲାଗି ଗୁଟେ ସବୁଜ ସୁନ୍ଦର୍ ପୁର୍‌ଥି ଗଢ଼୍‌ବାର୍‌ଟା ସମ୍‌କର୍ ଦାୟିତ୍ୱ ବଲି ଶ୍ରୀ ଯାଦବ୍ କହିଛନ୍ । ଇ ଅବ୍‌ସରେ ଶ୍ରୀ ଯାଦବ୍ ସବୁଜ ଯୋଗର ଶୁଭାରମ୍ଭ କରିଛନ୍ ।

କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି କହିଛନ୍, ଓଡ଼ିଶା ଯୋଗର ପ୍ରୟୋଗ ଶାଳା ହେବା । ରାଜ୍ୟର୍ ପ୍ରାକୃତିକ ପରିବେଶ୍ ଆଉ ବେଳାଭୂମି ଲୋକ୍‌ମାନ୍‌କୁ ଯୋଗ ସାଙ୍ଗେ ଜୁଡ଼୍‌ସି । ଯୋଗ ଅଭ୍ୟାସ୍ ଜରିଏ ସଭେ ସୁସ୍ଥ ଆଉ ନୀରୋଗ ରହିପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ । ୧୦ ନମ୍ବର୍

ଅନ୍ତର୍ଜାତୀୟ ଯୋଗ ଦିବସ୍‌ର ୭୫ ଦିନିଆ ଅବଗଣନା ଆଏଜ୍‌ଠାନୁ ମୁଲ୍ ହେଇଛେ ।

ରନ୍ଧା ଗେସ୍ ଆର୍‌ଏନ୍‌ୟୁ/ କଟକ୍

ରନ୍ଧା ଗେସ୍‌ର ଦାମ୍ ସିଲିଣ୍ଡର୍ ପିଛା ୫୦ ଟଙ୍କା ବଢ଼ିଛେ । କେନ୍ଦ୍ର ପେଟ୍ରୋଲିୟମ୍ ଆଉ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହର୍‌ଦୀପ୍ ସିଂ ପୁରୀ ଇ ବାବ୍‌ଦେ ସୂଚନା ଦେଇକରି କହିଛନ୍, ଆଏବା କାଏଲ୍‌ଠାନୁ ସବୁ ଏଲ୍‌ପିଜି ସଲିଣ୍ଡର୍ ଲାଗି ବଢ଼ିଥିବା ଦାମ୍ ଲାଗୁ ହେବା । ଉଜ୍ଜ୍ୱଳା ହିତାଧିକାରୀମାନ୍‌କର୍ ଲାଗି ଭିଲ୍ ଏଲ୍‌ପିଜି ବଢ଼ିଥିବା ଦାମ୍ ଲାଗୁ ହେବା । ସେଆଡ଼େ ପେଟ୍ରୋଲ୍ ଆର୍ ଡିଜେଲ୍ ଉପ୍‌ରେ ଉତ୍ପାଦ ଶୁଳ୍କ ଲିଟର୍ ପିଛା ୨ ଟଙ୍କା ଲେଖା ବଢ଼ାଯାଇଛେ । ଇଟା ଭିଲ୍ ଆଏବା କାଏଲ୍‌ଠାନୁ ଲାଗୁ ହେବା ବଲି ଅର୍ଥମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ- ନୂଆଦିଲ୍ଲୀ ଗସ୍ତ ଏକ୍ସ

ଏଚ୍‌ସିଏଲ୍ ଟେକ୍ କମ୍ପାନୀ ଓଡ଼ିଶା ନ ତାର୍ ଶାଖା ଖୁଲ୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ନୂଆଦିଲ୍ଲୀ ଗସ୍ତ ଅବ୍‌ସରେ ଆଏଜ୍ ନୋଇଡ଼ା ଠାନେ ଥିବା ଏଚ୍‌ସିଏଲ୍ ଟେକ୍

କମ୍ପାନୀ ବୁଲି ଦେଖିବାର୍ ଉତ୍ତରୁ ସୂଚ୍ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଏଚ୍‌ସିଏଲ୍ ଟେକ୍ କମ୍ପ୍ୟୁଟର୍ କମ୍ପାନୀ ତାର୍ ଶାଖା ଖୁଲ୍‌ବାର୍ ଲାଗି ଇଚ୍ଛା ଜାହିର୍ କରିଛେ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଏବା କାଏଲ୍ ନୂଆଦିଲ୍ଲୀ ଠାନେ ହେବାର୍‌କେ ଥିବା ନିବେଶକ୍ ସମ୍ମିଳନୀଥି ଯୋଗ୍ ଦେଇକରି ରାଏଜେ ପୁଞ୍ଜିନିବେଶ୍ କର୍‌ବାର୍ ଲାଗି ପୁଞ୍ଜିପତିମାନ୍‌କର୍ ସଙ୍ଗେ ଆଲୋଚନା କର୍‌ବେ । ଇ ଅବ୍‌ସରେ କେତେଟା ବୁଝାମଣା ପତ୍ର ସ୍ୱାକ୍ଷରିତ ହେଇପାରେ । ସେନ୍ତା ପାରାଦ୍ୱୀପ୍ ନ ନାପ୍‌ତା କ୍ରାକର୍ ପ୍ରକଳ୍ପ ଲାଗି ଆଇଓସିଏଲ୍ ସାଙ୍ଗେ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେବା ବଲି ଆଶ୍ କରାଯାଉଛେ । ଗସ୍ତି ସମିଆଥି ମୁଖ୍ୟମନ୍ତ୍ରୀ ରାଜ୍ୟର୍ ସ୍ୱାର୍ଥକେ ନେଇକରି କେନ୍ଦ୍ରମନ୍ତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ପାନୀୟ ଜଳ I&PR

୨୦୨୭ ମାର୍ଚ୍ଚ ମାସ୍‌ତକ୍ ରାଜ୍ୟର୍ ସବୁ ପୌରାଂଚଲ୍‌ମାନ୍‌କେ ୨୪ ଘଂଟିଆ ଭଲ୍ ପିଇବାର୍ ପାଏନ୍ ଯୁଗେଇ ଦିଆଯିବା ବଲି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ନିଜର୍ ବିଭାଗ୍‌ର ସମୀକ୍ଷା କରିକରି ଆଏଜ୍ ମନ୍ତ୍ରୀ ଡକ୍ଟର୍ ମହାପାତ୍ର କହିଛନ୍,

ରାଏଜେ ତିଆର୍ ଚାଲିଥିବା ପିଇବାର୍ ପାଏନ୍ ପ୍ରକଳ୍ପ ମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ଶେଷ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ବଜେଟ୍ ବରାଦ୍ ଅନ୍‌ସାରେ ଖର୍ଚ୍ଚା କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ କଡ଼ା ତାଗିଦ୍ କରାଯାଇଛେ । ସହର୍ ଇଲାକା ମାନ୍‌କୁ ଯୁଗେଇ ଦିଆଯାଉଥିବା ପିଇବାର୍ ପାଏନ୍ ଦେୟ  ଆଦାୟ କର୍‌ବାର୍ ଲାଗି ସ୍ମାର୍ଟ ମିଟର୍ ଲଗାଯିବା ବଲି ମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍, ନଦୀର୍ ପାଏନ୍‌କେ ଅଏତ୍‌କା ବେଭାର୍ କର୍‌ବାର୍ ଲାଗି ବେରେଜ୍ ତିଆର୍ କରାଯିବା । ଖରାଦିନେ ଲୁକେ ପାନିର୍ ସମସ୍ୟା ନାଇଁ ଭୁଗ୍‌ବେ ସେ ଦିଗେ ଜୋର୍ ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ସୁଭଦ୍ରା-ଉପମୁଖ୍ୟମନ୍ତ୍ରୀ I&PR

ସୁଭଦ୍ରା ଯୋଜ୍‌ନାର୍ ନୂଆଁ ଆବେଦନ୍‌କାରୀମାନ୍‌କୁ ଆଏବା ୨୨ ତାରିଖ ୨୩ ତାରିଖ୍ ପହେଲା କିସ୍ତିର୍ ୬ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଇ ବାବ୍‌ଦେ ଆଏଜ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ଗଲାକାଏଲ୍‌ତକ୍ ୧ ଲାଖ୍ ୭୦ ହଜାର୍ ନୂଆଁ ଆବେଦନ୍ କରିଛନ୍ । ସେମାନ୍‌କର୍ ଭିତ୍‌ରୁ ଯୋଗ୍ୟ ହିତାଧିକାରୀମାନ୍‌କୁ ସୁଭଦ୍ରା ଟଙ୍କା ଦିଆଯିବା । ସୁଭଦ୍ରା

ସାହାଜ୍ ପ୍ରକ୍ରିୟାକେ ସହଜ୍ କର୍‌ବାର୍ ଲାଗି ସର୍ବେକ୍ଷଣ୍ କରାଯିବା । ୨ ନମ୍ବର୍ କିସ୍ତି ସାହାଜ୍ ଦେଲା ବେଲ୍‌କେ ବାଦ୍ ପଡ଼ିଥିବା ଅଯୋଗ୍ୟ ହିତାଧିକାରୀମାନ୍‌କୁ ୩ ନମ୍ବର୍ କିସ୍ତି ଟଙ୍କା ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍, ୩ ନମ୍ବର୍ କିସ୍ତି ଉତ୍‌ରୁ ଯେନ୍ ହିତାଧିକାରୀମାନ୍‌କ ବୟସ୍ ୨୧ ବଛର୍ ହେଇଥିବା ସେମାନ୍‌କର୍ ଲାଗି ଫେର୍‌ଘାଏ ସୁଭଦ୍ରା ପୋର୍ଟାଲ୍ ଖୁଲାଯିବା ।

ପୋଷଣ୍ ପକ୍ଷ ପି.ଆଇ.ବି.

ମହିଲା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଲୟ ତର୍‌ଫୁ ୭ ନମ୍ବର୍ ପୋଷଣ୍ ପକ୍ଷ ଆଏବା କାଏଲ୍‌ଠାନୁ ମୁଲ୍ ହେଉଛେ । ଇ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଜରିଏ ଦେଶେ ପୋଷଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯିବା । ଆଏବା କାଏଲ୍ ଅରୁଣାଚଲ୍ ପ୍ରଦେଶ୍‌ନୁ ବିଭାଗ୍‌ର ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ପୋଷଣ୍ ପକ୍ଷର ଶୁଭାରମ୍ଭ କର୍‌ବେ ।

ବିଶ୍ୱସ୍ୱାସ୍ଥ୍ୟ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଉତମ୍ ସ୍ୱାସ୍ଥ୍ୟ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ସହେତେ ସୁସ୍ଥ ଆରମ୍ଭ ଆଉ ଆଶାଜନକ୍ ଭବିଷ୍ୟତର ବାର୍ତା ନେଇକରି ଆଏଜ୍ ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ପାଲନ୍ କରାଯାଉଛେ । ୧୯୫୦ ମସିହାନୁ  ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ଫି ବଛ୍‌ରେ ଗୁଟେ ଖାସ୍ ବାର୍ତା ଉପ୍‌ରେ ଜୋର୍ ଦିଆଯାଇକରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ପାଲନ୍ କରାଯାଏସି ।  ସଚେତନତା ଅଭାବ୍ ଆଉ ଠିକ୍ ସମିଆଥି ଠିକ୍ ଚିକିସ୍ତା ନାଇଁ ମିଲିପାର୍‌ବାର୍‌ନୁ ପୁର୍‌ଥି ନ ଇହାଦେ ଫିଁ' ୫ ସେକେଣ୍ଡଥି ୫ ଝନ୍‌କର୍ ଜୀବନ୍ ଯାଉଛେ । ଇଟାକେ ନଜରଥି ରଖିକରି ଉତମ୍ ସ୍ୱାସ୍ଥ୍ୟ ବିଷେ ତଥ୍ୟ, ଶିକ୍ଷା, ଠିକ୍ ଚିକିସ୍ତା, ସଫା ପିଇବାର୍ ପାଏନ୍, ପବନ୍, ସଫା ଆଉ ସ୍ୱାସ୍ଥ୍ୟ ସମ୍ବନ୍ଧିତ୍ ଅଧିକାର୍ ଯୁଗେଇ ଦେବାର୍ ଲାଗି ଭିନ୍ ଭିନ୍ ସ୍ତର୍‌ଥି ଆଏଜ୍ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ଏସ୍‌ଏଚ୍‌ଜି -ସାମାଜିକ୍ ଅନ୍ତର୍ଭୁକ୍ତିକରଣ୍ ଅଭିଯାନ୍ I&PR

ରାଏଜେ ବାଦ୍ ପଡ଼ିଥିବା ଯୋଗ୍ୟ ପରିବାର୍ ମାନ୍‌କୁ ସାମାଜିକ୍ ଅନ୍ତର୍ଭୁକ୍ତିକରଣ୍ ଅଭିଯାନ୍ ଜରିଏ ସ୍ୱୟଂ ସହାୟକ ଗୋଷ୍ଠୀଥି ସାମିଲ୍ କର୍‌ବାର୍ ପ୍ରକ୍ରିୟାର୍ ଦୁଇ ନମ୍ବର୍ ଖେପ୍ ଆଏବା କାଏଲ୍‌ଠାନୁ ମୁଲ୍ ହେବା । ଅଭିଯାନ୍‌ଥି ଖାସ୍ କରି ଏସ୍‌ଏଚ୍‌ଜିଥି ସାମିଲ୍ ନାଇଁଥିବା ଗାଁଗହଲିର୍ ଯୋଗ୍ୟ ମହିଳାମାନ୍‌କୁ ଖୁଜିକରି ସାମିଲ୍ କରାଯିବା । ଗଲା ମାର୍ଚ୍ଚ ୮

ତାରିଖ୍‌ନୁ ୨୧ ତାରିଖ୍‌ତକ୍ ହେଇଥିବା ଅଭିଯାନ୍‌ର ପହେଲା ଖେପ୍‌ଥି ରାଜ୍ୟର୍ ୪ ଲାଖ୍ ୧୨ ହଜାର୍ ୫ ଶହ ୪୮ଟା ଯୋଗ୍ୟ ପରିବାର୍‌କେ ସାମାଜିକ୍ ଅନ୍ତର୍ଭୁକ୍ତିକରଣ ଯୋଜ୍‌ନାଥି ସାମିଲ୍ କରାଯାଇଛେ ।

ବର୍ଣ୍ଣବୋଧ ଦିବସ୍ I&PR

ଓଡ଼ିଆ ପକ୍ଷ-୨୦୨୫ ପାଲନ୍‌ର ଆଏଜ୍ ୭ ନମ୍ବର୍ ଦିନେ ଆଏଜ୍ ବର୍ଣ୍ଣବୋଧ ଦିବସ୍ ପାଲନ୍ କରାଯାଇଛେ । ଓଡ଼ିଆ ଭାଷା ଆର୍ ବର୍ଣ୍ଣର୍ ପ୍ରଚାର୍ ପ୍ରସାର୍ ଆର୍ ସଚେତନତା ଲାଗି ଇ ଅବ୍‌ସରେ ଆଏଜ୍ ଭକ୍ତକବି ମଧୁସୂଦନ୍ ରାଓଙ୍କର୍ ରଚିତ ବର୍ଣ୍ଣବୋଧ ବହି ବଂଟାଯାଇଛେ । ଖାସ୍ କରି ସୀମ୍‌ନା ଇଲାକାମାନ୍‌କେ ବହି ବାଂଟ୍‌ବାର୍ କାର୍ଯ୍ୟକ୍ରମ୍‌କେ ଜୋର୍ ଦିଆଯାଇଛେ । ବର୍ଣ୍ଣବୋଧକେ ଲୋକପ୍ରିୟ କର୍‌ବାର୍ ଲାଗି ରାଜ୍ୟର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଭିଲ୍ ଆୟୋଜନ୍ କରାଯାଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଜିଲ୍ଲା ନିମାପଡ଼ା ଠାନେ ବର୍ଣ୍ଣବୋଧ ଉତ୍ସବ୍‌ଥି ଯୋଗ୍ ଦେଇକରି ଛୁଆମାନ୍‌କୁ ବର୍ଣ୍ଣବୋଧ ବହି ବାଂଟିଛନ୍ । ସେନ୍ତା ବିଦ୍ୟାଳୟ ଆଉ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଏଜ୍ ନବରଙ୍ଗପୁର୍ ଜିଲ୍ଲା ଉମରକୋଟ ଭାଲୁଗୁଡ଼ା ପ୍ରାଥମିକ ବିଦ୍ୟାଳୟ ନ ବର୍ଣ୍ଣବୋଧ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ଛୁଆମାନ୍‌କୁ ବର୍ଣ୍ଣବୋଧ ବହି ବାଂଟିଛନ୍ ।

ଓଡ଼ିଆ ପକ୍ଷ-ବର୍ଣ୍ଣବୋଧ ବଂଟନ୍ ସମ୍ବଲ୍‌ପୁର୍/ ସୁବର୍ଣ୍ଣପୁର/ ବୌଦ୍ଧ

ଓଡ଼ିଆ ପକ୍ଷ ପାଲନ୍‌ର ୭ ନମ୍ବର୍ ଦିନେ ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲା ନ ବର୍ଣ୍ଣବୋଧ ଉତ୍ସବ୍ ପାଲିତ୍ ହେଇଯାଇଛେ । ସିଡ଼ିପିଓ ମମତା ପାଣିଗ୍ରାହୀଙ୍କର୍ ନେତୃତ୍ୱଥି ସହରର୍ ଦଲ୍‌ଦଲି ପଡ଼ା, ଧନ୍‌କଉଡ଼ା ବ୍ଲକର ଶାନ୍ତିସଦନ୍, ମାନେଶ୍ୱର୍ ବ୍ଲକ୍ ଆର୍ ତେନ୍ତୁଲିକୁର୍ଲା ଠାନେ ବର୍ଣ୍ଣବୋଧ ବଂଟାଯାଇଥିଲା । ସେନ୍ତା ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ବିଦ୍ୟାଲୟମାନ୍‌କେ ମଣ୍ଡଳ ଶିକ୍ଷାଧିକାରୀମାନେ ଛାତ୍ରଛାତ୍ରୀମାନ୍‌କୁ ବର୍ଣ୍ଣବୋଧ ବାଂଟିଥିଲେ ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲାର୍ ସବୁ ସ୍କୁଲ୍ ମାନ୍‌କେ ବର୍ଣ୍ଣବୋଧ ଉତ୍ସବ୍ ପାଲିତ୍ ହେଇଛେ । ଜିଲ୍ଲା ସଦର୍ ସୁରେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାନେ ଅତିରିକ୍ତ ଜିଲ୍ଲାପାଲ୍ ଆଉ ଭିନ୍ ଭିନ୍ ଅଧିକାରୀମାନେ ଛାତ୍ରଛାତ୍ରୀମାନ୍‌କୁ ବର୍ଣ୍ଣବୋଧ ବାଂଟିଥିଲେ ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲାର୍ ଭିନ୍ ଭିନ୍ ସ୍କୁଲ୍ ମାନ୍‌କେ ବର୍ଣ୍ଣବୋଧ ବଂଟାଯାଇଛେ । ଭିନ୍ ଭନ୍ ଅଧିକାରୀମାନେ ସ୍କୁଲ୍ ମାନ୍‌କେ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବାଂଟିଛନ୍ ।

ଯୁଗ୍ମ ଅଭିଯୋଗ୍ ଶୁଣାଣି ସମ୍ବଲ୍ପୁର୍ /ସୁବର୍ଣ୍ଣପୁର /ବୌଦ୍ଧ/ନୂଆପଡ଼ା

ସମ୍ବଲ୍ପୁର୍ ଜିଲ୍ଲା ମାନେଶ୍ୱର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର୍ ମିଳିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଇ ଅବ୍ସରେ ୩୦ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ୨ ଟା ତୁର୍ତି ସମାଧାନ୍ ହେଇଥିଲା । ବାକି ଅଭିଯୋଗ୍ମାନ୍କର୍ ସମାଧାନ୍ ଲାଗି ଜିଲ୍ଲାପାଲ୍ ଆର୍ ଏସ୍ପି ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବୌଦ୍ଧ ଜିଲ୍ଲା ସଦର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ମିଳିତ୍ ଜନଶୁଣାଣି ଶିବିରଥି ୪୮ ଟା ଅଭିଯୋଗ୍ ପଞ୍ଜିକୃତ ହେଇଥିଲା । ହେଥିର୍ ଭିତ୍ରୁ ୨୧ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ପଂଚାୟତ୍ ସମ୍ମିଳନୀ କକ୍ଷ ନ ହେଇଥିବା ଶିବିର୍ଥି ୩୮ ଟା ଅଭିଯୋଗ୍ ଦାଖଲ୍ ହେଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ବ୍ଲକ୍ ଠାନେ ହେଇଥିବା ମିଳିତ୍ ଜନଶୁଣାଣିଥି ୨୩ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ଅଭିଯୋଗ୍ମାନ୍କର୍ ତୁର୍ତି ସମାଧାନ୍ ଲାଗି ଜିଲ୍ଲାପାଲ୍ ଆର୍ ଏସ୍.ପି. ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଇଣ୍ଡିଆନ୍ ରେଡ଼କ୍ରସ୍ ସୋସାଇଟି ଜିଲ୍ଲା ଶାଖା ତରଫୁ ଆଏଜ୍ ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ସମ୍ମିଲନୀ କକ୍ଷ ନ ଗୁଟେ ସଚେତନତା ସଭା ହେଇଥିଲା । ତାର୍ ଉତ୍ରୁ ଲୁକ୍କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

ସର୍ବଭାରତୀୟ ପୁଲିସ ହକି ଚମ୍ପିଅନ୍ସିପ I&PR

ଭୁବନେଶ୍ୱର୍ ୭ ନମ୍ବର୍ ବାଟାଲିୟନ୍ ପଡ଼ିଆ ଠାନେ ୭୩ ନମ୍ବର୍ ସର୍ବଭାରତୀୟ ପୁଲିସ ହକି ଚମ୍ପିଅନ୍ସିପ୍ ଉଦ୍ଘାଟିତ୍ ହେଇଯାଇଛେ । ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ କାର୍ଯ୍ୟକ୍ରମ୍ ଉଦ୍ଘାଟନ୍ କରିକରି ଭବ୍ୟ ପରେଡ୍ର ଅଭିବାଦନ୍ ଗ୍ରହଣ୍ କରିଛନ୍ । ଇ ଅବ୍ସରେ ଖେଲାଲିମାନ୍କୁ ଖେଲୁଆଡ଼ ମନୋଭାବ୍ ରଖିକରି ଖେଲ୍ବାର୍ ଲାଗି ପରାମର୍ଶ ଦେଇଛନ୍ ।

ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ଠାନେ ୧୪ ତାରିଖ୍ତକ୍ ହେବାର୍କେ ଥିବା ଚମ୍ପିଆନ୍ସିପ୍ ଥି ୨୬ଟା ପୁରୁଷ ଆଉ ୯

ଟା ମହିଳା ଦଲ୍ ଭିତ୍‌ରେ ୪୮ ଟା ମେଚ୍ ଖେଲାଯିବା । ଇଥି ସିଆଇଏସ୍‌ଏଫ୍, ସିଆର୍‌ପିଏଫ୍, ବିଏସ୍‌ଏଫ୍, ଆଇଟିବିପି, ଏସ୍‌ଏସ୍‌ବି ବାଗିର୍ କେନ୍ଦ୍ରୀୟ ସଶସ୍ତ୍ର ବାହିନୀର ଦଲ୍‌ମାନେ ଭାଗ୍ ନେଇଛନ୍ ।